# 2nd Foreign Office Consultations between India and Dominican Republic

July 02, 2022

## ଭାରତ ଏବଂ ଡୋମିନିକାନ ରିପବ୍ଲିକ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ

ଜୁଲାଇ 02, 2022

ଭାରତ ଏବଂ ଡୋମିନିକାନ ରିପବ୍ଲିକ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ 01 ଜୁଲାଇ 2022 ରେ ସାଣ୍ଟୋ ଡୋମିଙ୍ଗୋରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାରତ ପକ୍ଷରୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (ପୂର୍ବାଞ୍ଚଳ) ଶ୍ରୀ ସୌରଭ କୁମାର ଏବଂ ଡୋମିନିକାନ ରିପବ୍ଲିକ ପକ୍ଷରୁ ବୈଦେଶିକ ବ୍ୟାପାର ଉପମନ୍ତ୍ରୀ ତଥା ରାଷ୍ଟ୍ରଦୂତ ଜୋସ ଜୁଲିଓ ଗୋମେଜ ନେତୃତ୍ୱ ନେଇଥିଲେ।

2. ଏହି ବିଚାର ବିମର୍ଷରେ ରାଜନୈତିକ, ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ, ଦକ୍ଷତା ବୃଦ୍ଧି ସମେତ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗ ଏବଂ ମହାକାଶ, ସାଇବର ସୁରକ୍ଷା ଓ କୃତ୍ରିମ ବୁଦ୍ଧିମତ୍ତା, ଉଚ୍ଚଶିକ୍ଷା ଏବଂ ସାଂସ୍କୃତିକ ସମ୍ପର୍କ ସମେତ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗ ଉପରେ ସମୀକ୍ଷା କରାଯାଇଥିଲା।  ମିଳିତ ଜାତିସଂଘ, ଆନ୍ତର୍ଜାତିକ ସୌର ମେଣ୍ଟ (ଆଇଏସଏ) ଏବଂ ବିପର୍ଯ୍ୟୟ ସହନକ୍ଷମ ଭିତ୍ତିଭୂମି ପାଇଁ ମେଣ୍ଟ (ସିଡିଆରଆଇ) ରେ ସହଯୋଗ ସମେତ ବହୁପକ୍ଷୀୟ ଓ ଆଞ୍ଚଳିକ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

3. ସଚିବ (ପୂର୍ବାଞ୍ଚଳ) ବୈଦେଶିକ ମନ୍ତ୍ରୀ ରୋବର୍ଟୋ ଆଲଭାରେଜଙ୍କୁ ସାକ୍ଷାତ କରି ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବା ପାଇଁ ମତ ବିନିମୟ କରିଥିଲେ।

4. ଦ୍ୱିପାକ୍ଷିକ ଆଲୋଚନା ସମୟରେ ଡୋମିନିକାନ ରିପବ୍ଲିକ 01 ଜାନୁଆରୀ 2022 ରେ ସାଣ୍ଟୋ ଡୋମିଙ୍ଗୋରେ ଭାରତର ଆବାସିକ ମିଶନ ସ୍ଥାପନାକୁ ପ୍ରଶଂସା କରିଥିଲା। ବାଣିଜ୍ୟକୁ ବିସ୍ତାର କରିବା ସହିତ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଗଭୀର କରିବାର ସମ୍ଭାବନାକୁ ଉଭୟ ପକ୍ଷ ସ୍ୱୀକାର କରିଥିଲେ। ଦ୍ୱିପାକ୍ଷିକ ବାଣିଜ୍ୟ 100 ପ୍ରତିଶତରୁ ଅଧିକ ବୃଦ୍ଧି ହୋଇ 1 ବିଲିୟନ ଡ଼ଲାରରେ ପହଞ୍ଚିଛି। ଡୋମିନିକାନ ରିପବ୍ଲିକର ଭାରତ ହେଉଛି ଚତୁର୍ଥ ବୃହତ୍ତମ ବାଣିଜ୍ୟିକ ସହଭାଗୀ।

5. ଏକ ବନ୍ଧୁତ୍ୱପୂର୍ଣ୍ଣ ଓ ଆନ୍ତରିକ ପରିବେଶରେ ବିଚାର ବିମର୍ଷ ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟ ବିଚାର ବିମର୍ଷକୁ ନୂଆଦିଲ୍ଲୀରେ ପାରସ୍ପରିକ ସୁବିଧାଜନକ ତାରିଖରେ ଆୟୋଜନ କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ।

**ସାଣ୍ଟୋ ଡୋମିଙ୍ଗୋ**

**ଜୁଲାଇ 01, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.